

# ଉଭିଦ କିସମ ଓ
# କୃଷକ ଅଧିକାର ସୁରକ୍ଷା ଆଇନ,
# ୨୦୦୧

# ଉଦ୍ଭିଦ କିସମ ଓ
# କୃଷକ ଅଧିକାର ସୁରକ୍ଷା ଆଇନ,
# ୨୦୦୧

ସ୍ୱତ୍ୱାଧିକାର

PPVFRA

**ଉଦ୍ଭିଦ କିସମ ଓ କୃଷକ ଅଧିକାର ପ୍ରାଧିକରଣ**
**ପିପିଭିଏଫ୍ଆରଏ ଭବନ,**
ହରଭଜନ ଏନକ୍ଲେଭ ନିକଟସ୍ଥ,
ଡିପିଏସ୍ ମାର୍ଗ, ନୂଆଦିଲ୍ଲୀ, ୧୧୦୦୧୨

---

**ଅନୁବାଦକ**

କୃଷି ଓ କୃଷକ ସଶକ୍ତିକରଣ ବିଭାଗ
ଓଡ଼ିଶା

## ଉପକ୍ରମ

ଉଦ୍ଭିଦ କିସମ, କୃଷକ ଓ ଉଦ୍ଭିଦ ପ୍ରଜନକଙ୍କ ଅଧିକାର ସୁରକ୍ଷା ନିମନ୍ତେ ଏକ ଫଳପ୍ରଦ ପ୍ରଣାଳୀ ପ୍ରତିଷ୍ଠା ଏବଂ ନୂତନ ଉଦ୍ଭିଦ କିସମ ବିକାଶକୁ ପ୍ରୋତ୍ସାହିତ କରିବା ନିମନ୍ତେ କୃଷକଙ୍କ ଅଧିକାର ସମ୍ପର୍କରେ ଅବଗତ ହେବା ସହ ସେସବୁକୁ ସୁରକ୍ଷା ଦେବାର ଆବଶ୍ୟକତା ରହିଛି । ନୂଆ ଉଦ୍ଭିଦ କିସମ ବିକାଶ ନିମନ୍ତେ ଉଦ୍ଭିଦର ଆନୁବଂଶିକ ସମ୍ବଳର ସଂରକ୍ଷଣ, ଉନ୍ନତି ଏବଂ ଉପଲବ୍ଧ କରିବାରେ ଯେକୌଣସି ସମୟରେ ସେମାନଙ୍କ ଅବଦାନକୁ ସମ୍ମାନ ଜଣାଇବା । ଭାରତ ସରକାର 'ସୁଇ ଜେନେରିସ୍' ପ୍ରଣାଳୀ ଅନୁଯାୟୀ "ଉଦ୍ଭିଦ କିସମ ଓ କୃଷକ ଅଧିକାର ସୁରକ୍ଷା ଆଇନ,୨୦୦୧" ପ୍ରଣୟନ କରିଥିଲେ । ଭାରତୀୟ ଆଇନ କେବଳ ନୂଆ ଉଦ୍ଭିଦ କିସମର ସୁରକ୍ଷା ନିମନ୍ତେ ଅନ୍ତର୍ଜାତୀୟ ସଂଘ,୧୯୭୮ ସହ ସମ୍ମତି ନୁହେଁ ବରଂ ସାର୍ବଜନୀକ କ୍ଷେତ୍ରରେ ପ୍ରଜନକ/ଉତ୍ପାଦକ ସଂଗଠନ ପ୍ରତିଷ୍ଠାନ ଏବଂ କୃଷକଙ୍କ ସୁରକ୍ଷା ପାଇଁ ମଧ୍ୟ ଏଥିରେ ପର୍ଯ୍ୟାପ୍ତ ବ୍ୟବସ୍ଥା ରହିଛି ।  ଉଦ୍ଭିଦ ପ୍ରଜନନ କାର୍ଯ୍ୟରେ ଉଭୟ ବାଣିଜ୍ୟିକ ଉଦ୍ଭିଦ ପ୍ରଜନକ ଏବଂ କୃଷକଙ୍କ ଅବଦାନକୁ ଏହି ଆଇନ ସ୍ୱୀକୃତି ଦେଇଥାଏ ଏବଂ TRIP କାର୍ଯ୍ୟକାରୀ କରିବାକୁ ସ୍ୱୀକୃତି ମଧ୍ୟ ପ୍ରଦାନ କରିଥାଏ, ଯାହାକି ବେସରକାରୀ, ସାର୍ବଜନୀନ କ୍ଷେତ୍ର ଏବଂ ଗବେଷଣା ପ୍ରତିଷ୍ଠାନ ସମେତ ସମସ୍ତ ହିତାଧିକାରୀଙ୍କ ନିର୍ଦ୍ଦିଷ୍ଟ ସାମାଜିକ – ଅର୍ଥନୈତିକ ସ୍ୱାର୍ଥକୁ ସମର୍ଥନ କରେ ।



ଏହି ଅଧିନିୟମ ଧାରାକୁ ଲାଗୁ କରିବା ପାଇଁ କୃଷି, ସହଯୋଗ ଓ କୃଷକ ସଶକ୍ତିକରଣ ବିଭାଗ, କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ୨୦୦୫ ମସିହା ନଭେମ୍ବର ୧୧ ତାରିଖରେ "ଉଦ୍ଭିଦ କିସମର ସୁରକ୍ଷା ଏବଂ କୃଷକ ଅଧିକାର ପ୍ରାଧିକରଣ" ପ୍ରତିଷ୍ଠା ହୋଇଥିଲା । ଅଧ୍ୟକ୍ଷ ଏହି ପ୍ରାଧିକରଣର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଟନ୍ତି । ଭାରତ ସରକାରଙ୍କ ବିଜ୍ଞପ୍ତିତ ଆଉ ୧୫ ଜଣ ପ୍ରାଧିକରଣର ସଦସ୍ୟ ଅଛନ୍ତି । ସେମାନଙ୍କ ମଧ୍ୟରୁ ୮ ଜଣ ବିଭିନ୍ନ ବିଭାଗ / ମନ୍ତ୍ରଣାଳୟରୁ ପ୍ରତିନିଧିତ୍ୱ କରୁଥିବା ପୂର୍ବତନ ଅଧିକାରୀ, ୩ ଜଣ ରାଜ୍ୟ ସରକାରଙ୍କ ବିଭାଗ ଓ ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟର ଏବଂ କୃଷକ, ଆଦିବାସୀ ସଙ୍ଗଠନ, ବିହନ ଶିଳ୍ପ ଓ କୃଷିଭିତ୍ତିକ କାର୍ଯ୍ୟରେ ଜଡ଼ିତ ମହିଳା ସଙ୍ଗଠନର ଜଣେ ଲେଖାଏଁ ପ୍ରତିନିଧି, କେନ୍ଦ୍ର ସରକାରଙ୍କ ଦ୍ୱାରା ମନୋନୀତ ହୋଇଛନ୍ତି । ରେଜିଷ୍ଟ୍ରର୍ ଜେନେରାଲ ବା ସାଧାରଣ ନିବନ୍ଧକ ହେଉଛନ୍ତି ପ୍ରାଧିକରଣର ପୂର୍ବତନ ସଦସ୍ୟ ସଚିବ ।



## ଉଦ୍ଭିଦ କିସମ ଓ କୃଷକ ଅଧିକାର ସୁରକ୍ଷା ଆଇନ,୨୦୦୧ର ଉଦ୍ଦେଶ୍ୟ

୧ ଉଦ୍ଭିଦ କିସମ, କୃଷକ ଓ ଉଦ୍ଭିଦ ପ୍ରଜନନକାରୀଙ୍କ ଅଧିକାରର ସୁରକ୍ଷା ନିମନ୍ତେ ଏକ ପ୍ରଭାବଶାଳୀ ପ୍ରଣାଳୀ ସ୍ଥାପନ କରିବା ତଥା ନୂତନ ଉଦ୍ଭିଦ କିସମ ବିକାଶକୁ ପ୍ରୋତ୍ସାହିତ କରିବା ।

୨ ନୂତନ ଉଦ୍ଭିଦ କିସମଗୁଡିକର ବିକାଶ ନିମନ୍ତେ ଉଦ୍ଭିଦର ଆନୁବଂଶିକ ସମ୍ବଳ ସଂରକ୍ଷଣ, ଉନ୍ନତି ଏବଂ ଯେକୌଣସି ସମୟରେ ଏହାକୁ ଉପଲବ୍ଧ କରିବା ପାଇଁ କୃଷକଙ୍କ ଅଧିକାରକୁ ଜାଣିବା ଏବଂ ସୁରକ୍ଷା ଦେବା ।

୩ ଦେଶରେ କୃଷି ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଉଦ୍ଭିଦ ପ୍ରଜନନକାରୀଙ୍କ ଅଧିକାରକୁ ସୁରକ୍ଷା ଦେବା, ନୂତନ ଉଦ୍ଭିଦ କିସମର ବିକାଶ ପାଇଁ ସାର୍ବଜନିକ ଓ ବେସରକାରୀ କ୍ଷେତ୍ରରେ ଗବେଷଣା ଓ ବିକାଶ ପାଇଁ ବିନିଯୋଗକୁ ପ୍ରୋତ୍ସାହିତ କରିବା ।

୪ ଦେଶରେ ବିହନ ଶିଳ୍ପର ଅଭିବୃଦ୍ଧିରେ ସହାୟତା କରିବା, ଯାହାଦ୍ୱାରା ଚାଷୀଙ୍କ ପାଇଁ ଉନ୍ନତମାନର ବିହନ ଏବଂ ବୃକ୍ଷରୋପଣ ସାମଗ୍ରୀର ଉପଲବ୍ଧତା ସୁନିଶ୍ଚିତ ହେବ ।

## କର୍ତ୍ତୃପକ୍ଷ/ ପ୍ରାଧିକାରଙ୍କ ସାଧାରଣ କାର୍ଯ୍ୟ

- ନୂତନ ଉଦ୍ଭିଦ କିସମ, ଅତ୍ୟାବଶ୍ୟକଭାବେ ଉତ୍ପନ୍ନ କିସମ, ବିଦ୍ୟମାନ କିସମର ପଞ୍ଜିକରଣ ।
- ନୂତନ ଉଦ୍ଭିଦ ପ୍ରଜାତି ନିମନ୍ତେ DUS(ବୈଶିଷ୍ଟତା, ସମାନତା ଓ ସ୍ଥିରତା) ପରୀକ୍ଷା ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବା ।
- ପଞ୍ଜିକୃତ କିସମର ଗୁଣବତ୍ତା ଓ ତଥ୍ୟାବଳୀ ପ୍ରସ୍ତୁତ କରିବା ।
- ସମସ୍ତ କିସମ ଉଦ୍ଭିଦକୁ ବାଧ୍ୟତାମୂଳକଭାବେ ତାଲିକାଭୁକ୍ତ କରିବାକୁ ନିଶ୍ଚିତ କରିବା ।
- କୃଷକଙ୍କ ଚିହ୍ନଟିକରଣ, କୃଷକ କିସମ ଶସ୍ୟର ତଥ୍ୟ ସଂଗ୍ରହ, ସୂଚକାଙ୍କ ତାଲିକାଭୁକ୍ତ କରିବା (ଡକ୍ୟୁମେଣ୍ଟେସନ) ।
- କୃଷକ ଓ କୃଷକ ସଂଗଠନ; ବିଶେଷକରି କିସମ ସଂରକ୍ଷଣ ଓ ବିକାଶ ନିମନ୍ତେ କାର୍ଯ୍ୟରତ ଗ୍ରାମୀଣ ଓ ଆଦିବାସୀ ସମ୍ପ୍ରଦାୟ ଲୋକଙ୍କୁ ଚିହ୍ନଟ ପ୍ରକ୍ରିୟାକୁ ବ୍ୟବସ୍ଥିତ କରିବା ଓ ପୁରସ୍କୃତ କରିବା ।
- ମୂଲ୍ୟଯୁକ୍ତ ଉଦ୍ଭିଦ କିସମ ଓ ଏହାର ଜଙ୍ଗଲୀ କିସମକୁ ସଂରକ୍ଷଣ କରିବା ।
- ଉଦ୍ଭିଦ ଓ ସେମାନଙ୍କର ବନ୍ୟ ସମ୍ପ୍ରଦାୟମାନଙ୍କର ଆନୁବଂଶିକ ସମ୍ବଳର ସଂରକ୍ଷଣ ।
- ଜାତୀୟ ପଞ୍ଜିକୃତ ଉଦ୍ଭିଦ କିସମର ରକ୍ଷଣାବେକ୍ଷଣ ।
- ଜାତୀୟ ଜିନ୍ ବ୍ୟାଙ୍କର ରକ୍ଷଣାବେକ୍ଷଣ ।









## ଅଧିନିୟମ ଅଧିନରେ ଅଧିକାର

### ପ୍ରଜନକଙ୍କ ଅଧିକାର

ସୁରକ୍ଷିତ କିସମର ଉତ୍ପାଦନ, ବିକ୍ରୟ, ବ୍ୟବସାୟିକରଣ, ବଣ୍ଟନ, ଆମଦାନୀ କିମ୍ବା ରପ୍ତାନୀ ପାଇଁ ପ୍ରଜନକମାନଙ୍କର ସ୍ୱତନ୍ତ୍ର ଅଧିକାର ରହିବ । ପ୍ରଜନକମାନେ ଏଜେଣ୍ଟ/ ଲାଇସେନ୍ସଧାରୀଙ୍କୁ ନିଯୁକ୍ତ କରିପାରିବେ ଏବଂ ଅଧିକାର ଉଲଂଘନ ମାମଲାରେ ନାଗରିକ ପ୍ରତିକାର ନିମନ୍ତେ ପ୍ରୟୋଗ କରିପାରିବେ ।

### ଗବେଷକଙ୍କ ଅଧିକାର

ଗବେଷକ ପରୀକ୍ଷଣ ଓ ଗବେଷଣା କରିବା ପାଇଁ ଅଧିନିୟମ ଅଧିନରେ ପଞ୍ଜିକୃତ ହୋଇଥିବା ଯେକୌଣସି ଉଭିଦ କିସମର ଉପଯୋଗ କରିପାରିବେ । ଅନ୍ୟ କୌଣସି କିସମ ବିକଶିତ କରିବା ଉଦ୍ଦେଶ୍ୟରେ, ଏଥିରୁ ମଧ କିଛି କିସମକୁ ପ୍ରାରମ୍ଭିକ ଉତ୍ସ ଭାବେ ବ୍ୟବହାର କରିପାରିବେ । କିନ୍ତୁ ବାରମ୍ବାର ବ୍ୟବହାର ପାଇଁ ପଞ୍ଜିକୃତ ପ୍ରଜନକଙ୍କଠାରୁ ଅନୁମତି ନେବା ଆବଶ୍ୟକ ।

## କୃଷକ ଅଧିକାର

- ଏକ ନୂତନ କିସମର ପୁନଃରୁଦ୍ଧାର କିମ୍ବା ବିକଶିତ କରିଥିବା ଜଣେ କୃଷକ ପ୍ରଜନକ ଭାବରେ ସେହି କିସମର ପଞ୍ଜୀକରଣ ଓ ସୁରକ୍ଷା ପାଇଁ ହକଦାର ହୋଇପାରିବ ।
- କୃଷକ କିସମକୁ ପ୍ରଚଳିତ କିସମ ଭାବେ ମଧ୍ୟ ପଞ୍ଜୀକୃତ କରାଯାଇପାରିବ ।
- ଚାଷୀ ଉଦ୍ଭିଦ କିସମ ସୁରକ୍ଷା ଓ କୃଷକ ଅଧିକାର ଅଧିନିୟମ , ୨୦୦୧ ଅଧିନରେ ସଂରକ୍ଷିତ ବିଭିନ୍ନ କିସମର ବିହନ ସହିତ ନିଜର କୃଷି ଉତ୍ପାଦକୁ ସାଇତି ରଖିବା, ବ୍ୟବହାର, ବୁଣିବା, ପୁନଃବୁଣିବା, ବିନିମୟ ଓ ବିକ୍ରି କରିପାରିବେ । ଅଧିନିୟମ ଅଧିନରେ ପୂର୍ବରୁ ସଂରକ୍ଷିତ ଥିବା କିସମର ବିହନକୁ ବିକ୍ରୟ କରିବାର ଅଧିକାର ପାଇବେ ନାହିଁ ।





- ଭୂ-ପ୍ରଜାତି ଉଦ୍ଭିଦର ଆନୁବଂଶିକ ସମ୍ବଳ ଏବଂ ଏଥିରେ ସଂଲଗ୍ନ ଜଙ୍ଗଲ ଜାତୀୟ ଅର୍ଥକାରୀ ଉଦ୍ଭିଦର ସଂରକ୍ଷଣ ନିମନ୍ତେ କୃଷକମାନେ ସ୍ୱୀକୃତି ଏବଂ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହେବେ ।
- ଅଧିନିୟମ, ୨୦୦୧ର ଧାରା ୩୯(୨) ଅନୁଯାୟୀ ବିଭିନ୍ନ କିସମର ଖରାପ ପ୍ରଦର୍ଶନ ପାଇଁ କୃଷକଙ୍କୁ ମଧ୍ୟ କ୍ଷତିପୂରଣ ପ୍ରଦାନ କରିବାର ବ୍ୟବସ୍ଥା ରହିଛି ।
- ଅଧିନିୟମ ଅଧିନରେ ପ୍ରାଧିକରଣ/କର୍ତ୍ତୃପକ୍ଷ କିମ୍ବା ନିବନ୍ଧକ, ଟ୍ରିବ୍ୟୁନାଲ କିମ୍ବା ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ କୌଣସି କାର୍ଯ୍ୟବିଧି ପାଇଁ ଚାଷୀଙ୍କୁ ଶୁଳ୍କ ଦେବାକୁ ପଡିବ ନାହିଁ ।








# ପଞ୍ଜିକରଣ

ଯଦି କୌଣସି ଉଦ୍ଭିଦ ପ୍ରଜାତି ଅତ୍ୟାବଶ୍ୟକ ବୈଶିଷ୍ଟତା, ସମାନତା ଓ ସ୍ଥିରତା ମାନଦଣ୍ଡକୁ ପୂରଣ କରେ, ତେବେ ତାହା ଅଧିନିୟମ ଅନୁଯାୟୀ ପଞ୍ଜିକରଣ ପାଇଁ ଯୋଗ୍ୟ ଅଟେ । ବିଭିନ୍ନ କିସମର ପଞ୍ଜିକରଣ କରିବା ଉଦ୍ଦେଶ୍ୟରେ ଉଦ୍ଭିଦର ଜାତି ଏବଂ ପ୍ରଜାତି ସମ୍ପର୍କରେ ଉଲ୍ଲେଖ କରିବା ପାଇଁ କେନ୍ଦ୍ର ସରକାର ସରକାରୀ ଗେଜେଟରେ ବିଜ୍ଞପ୍ତି ଜାରି କରିଛନ୍ତି । ଏପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୯୭ ଫସଲ କିସମକୁ ପଞ୍ଜିକରଣ ଉଦ୍ଦେଶ୍ୟରେ ବିଜ୍ଞପ୍ତି ଜାରି କରିଛନ୍ତି । (ଏହା ତାଲିକା ପ୍ରାଧିକରଣଙ୍କ ୱେବସାଇଟ୍ www.plantauthority.gov.in) ରେ ଉପଲବ୍ଧ । ଉଦ୍ଭିଦ କିସମ, କୃଷକ ଓ ଉଦ୍ଭିଦ ପ୍ରଜନକଙ୍କ ଅଧିକାର ସୁରକ୍ଷା କର୍ତ୍ତୃପକ୍ଷ ଭିନ୍ନ ଭିନ୍ନ ଫସଲ କିସମ ପାଇଁ ବୈଶିଷ୍ଟତା, ସମାନତା ଏବଂ ସ୍ଥିରତା ପରୀକ୍ଷଣ ନିମନ୍ତେ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିଛନ୍ତି । ବିଦ୍ୟମାନ କିସମର ପଞ୍ଜିକରଣର ସମୟ ସୀମା କର୍ତ୍ତୃପକ୍ଷଙ୍କ ସରକାରୀ ୱେବସାଇଟ (www.plantauthority.gov.in) ରେ ଉପଲବ୍ଧ ରହିଛି ।

## ପ୍ରାଧିକରଣର ପ୍ରକାଶନ

- ଭାରତର ଉଦ୍ଭିଦ କିସମ ପତ୍ରିକା
- ସାଧାରଣ ଓ ନିର୍ଦ୍ଦିଷ୍ଟ ଫସଲ କିସମର ବୈଶିଷ୍ଟତା, ସମାନତା ଏବଂ ସ୍ଥିରତା ପରୀକ୍ଷଣ ନିର୍ଦ୍ଦେଶାବଳୀ
- ବୈଷୟିକ ଇସ୍ତାହାର
- ଏଫଏକ୍ୟୁ (FAQ)
- ଜିନ୍ ବ୍ୟାଙ୍କ ମାନୁଆଲ୍
- କୃଷି ଜୈବବିବିଧତା କେନ୍ଦ୍ର ପୁସ୍ତକ(ଦୁଇ ଭାଗ)
- ଉଦ୍ଭିଦ କିସମ, କୃଷକ ଓ ଉଦ୍ଭିଦ ପ୍ରଜନନକାରୀଙ୍କ ଅଧିକାର ସଂରକ୍ଷଣ ଆଇନ, ୨୦୦୧ର ବିଭିନ୍ନ ବ୍ୟବସ୍ଥାକୁ ନେଇ "ସିଡ୍ ଅଫ ସସଷ୍ଟେନାନ୍ସ(ଜୀବିକାରେ ବିହନ) ନାମକ ଭିଡିଓ ସିଡି
- ବାର୍ଷିକ ବିବରଣୀ
- ବାର୍ଷିକ ହିସାବ
- କୃଷକ ଅଧିକାରକୁ ନେଇ ଭିଡିଓ
- ଉଦ୍ଭିଦ କିସମ, କୃଷକ ଓ ଉଦ୍ଭିଦ ପ୍ରଜନକଙ୍କ ଅଧିକାର ସୁରକ୍ଷା ଆଇନ, ୨୦୦୧(୨୦୦୯ରୁ ୨୦୧୨ ପର୍ଯ୍ୟନ୍ତ) ଅଧିନରେ ବିଭିନ୍ନ ପଞ୍ଜିକୃତ କିସମ ସମ୍ପର୍କିତ ଏକ ପୁସ୍ତିକା
- ଉଦ୍ଭିଦ କିସମ, କୃଷକ ଓ ଉଦ୍ଭିଦ ପ୍ରଜନକଙ୍କ ଅଧିକାର ସୁରକ୍ଷା ଆଇନ, ୨୦୦୧(୨୦୧୪ରୁ ) ଅଧିନରେ ପଞ୍ଜିକୃତ କୃଷକ କିସମ ସମ୍ପର୍କିତ ଏକ ପୁସ୍ତିକା
- ପ୍ରଜନକଙ୍କ ଅଧିକାର ନାମକ ଏକ ପୁସ୍ତକ

## ପଞ୍ଜିକରଣ ପାଇଁ ଦେୟ

ଉଦ୍ଭିଦ କିସମର ପଞ୍ଜିକରଣ ନିମନ୍ତେ ଆବେଦନ ସହ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଦ୍ଧାରିତ ପଞ୍ଜିକରଣ ଦେୟ/ ଶୁଳ୍କ ମଧ୍ୟ ସଂଲଗ୍ନ ହେବା ଉଚିତ୍ । ବିଭିନ୍ନ କିସମ ପାଇଁ ପଞ୍ଜିକରଣ ଶୁଳ୍କ ନିମ୍ନରେ ଦିଆଯାଇଛି ।

| କ୍ରମ ସଂଖ୍ୟା | ବିଭିନ୍ନ କିସମ | ପଞ୍ଜିକରଣ ପାଇଁ ଦେୟ |
|---|---|---|
| ୧ | ବିହନ ଅଧିନିୟମ, ୧୯୯୬ର ଧାରା- ୫ ଅଧିନରେ ସୂଚିତ ବିଦ୍ୟମାନ କିସମ | ଟ ୨,୦୦୦/- |
| ୨ | ନୂଆ କିସମ / ଅତ୍ୟାବଶ୍ୟକ ଭାବେ ଉତ୍ପନ୍ନ କିସମ/ ବିଦ୍ୟମାନ କିସମ, ଯାହା ସମ୍ବନ୍ଧରେ ସାମାନ୍ୟ ଜ୍ଞାନ ଥାଏ | ବ୍ୟକ୍ତିଗତ ଟ ୭,୦୦୦/-<br>ଶିକ୍ଷାଗତ ଟ ୧୦,୦୦୦/-<br>ବ୍ୟବସାୟିକ ଟ ୫୦,୦୦୦/- |
| ୩ | କୃଷକ କିସମ | ଦେୟମୁକ୍ତ |

ପ୍ରାଧିକରଣଙ୍କ ଦ୍ୱାରା ପ୍ରକାଶିତ ଭାରତୀୟ ଉଦ୍ଭିଦ କିସମ ପତ୍ରିକା ଓ ତାରିଖ ୧୫.୦୬.୨୦୧୫ରେ ପ୍ରକାଶିତ ଭାରତର ରାଜପତ୍ରର ବିଜ୍ଞପ୍ତି ଅନୁଯାୟୀ ଶୁଳ୍କ ଦେୟ ଦାଖଲ କରି କୌଣସି କିସମର ବାର୍ଷିକ ପଞ୍ଜିକରଣ ଏବଂ ନବୀକରଣ ହୋଇପାରିବ ।

## DUS (ବୈଶିଷ୍ଟ୍ୟତା, ସମାନତା ଓ ସ୍ଥିରତା) ପରୀକ୍ଷା କେନ୍ଦ୍ର

ଫସଲର ବୈଶିଷ୍ଟ୍ୟତା, ସମାନତା ଓ ସ୍ଥିରତା ନିର୍ଦ୍ଦେଶାବଳୀ (DUS) ଅନୁଯାୟୀ ବିଭିନ୍ନ ଫସଲ କିସମର ସୂଚନା ସଂଗ୍ରହ, ଉଦାହରଣ କିସମ ଓ ତଥ୍ୟାବଳୀର ରକ୍ଷଣାବେକ୍ଷଣ ଓ ଅଭିବୃଦ୍ଧି ପାଇଁ କର୍ତ୍ତୃପକ୍ଷ ବିଭିନ୍ନ ଫସଲ କିସମର ପରୀକ୍ଷଣ କେନ୍ଦ୍ରଗୁଡ଼ିକୁ ବିଜ୍ଞପ୍ତିତ କରିଛନ୍ତି । DUS କେନ୍ଦ୍ରଗୁଡ଼ିକର ତାଲିକା ପ୍ରାଧିକରଣଙ୍କ ସରକାରୀ ୱେବସାଇଟ (www.plantauthority.gov.in)ରେ ଉପଲବ୍ଧ ରହିଛି ।

## ଭାରତର ଉଦ୍ଭିଦ କିସମ ପତ୍ରିକା

ପ୍ରାଧିକରଣ ପକ୍ଷରୁ ଏହାର ସରକାରୀ ପତ୍ରିକା ମାସିକ ଦ୍ୱିଭାଷୀ (ହିନ୍ଦୀ ଏବଂ ଇଂରାଜୀ)ରେ ପ୍ରକାଶ ପାଏ ଏବଂ ପ୍ରତ୍ୟେକ ମାସର ପ୍ରଥମ କାର୍ଯ୍ୟ ଦିବସରେ ଏହାର ୱେବସାଇଟରେ ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ କରାଯାଏ। ଅଧିନିୟମ, ୨୦୦୬ ଅନୁଯାୟୀ ଏହି ପତ୍ରିକା ଗେଜେଟ୍ ସହ ସମତୁଲ୍ୟ ଅଟେ । ପତ୍ରିକାରେ ସରକାରୀ ଏବଂ ସର୍ବସାଧାରଣ ବିଜ୍ଞପ୍ତି, ଉଦ୍ଭିଦ କିସମର ପାସପୋର୍ଟ ତଥ୍ୟ, ଫସଲ କିସମର ପରୀକ୍ଷା ନିର୍ଦ୍ଦେଶାବଳୀ, ପଞ୍ଜିକରଣ ପ୍ରମାଣପତ୍ରର ବିବରଣୀ ଏବଂ ଅନ୍ୟାନ୍ୟ ବିଷୟବସ୍ତୁ ଉପଲବ୍ଧ ।

## ପ୍ରମାଣପତ୍ର ପଞ୍ଜିକରଣ

ସମସ୍ତ ଆବଶ୍ୟକତା ପୂରଣ କରିଥିବା ଆବେଦନଗୁଡିକ ଶେଷରେ ରେଜିଷ୍ଟ୍ରାର / ନିବନ୍ଧକଙ୍କ ଦ୍ୱାରା ପଞ୍ଜିକରଣ ପାଇଁ ଗ୍ରହଣ କରାଯାଇଛି। ସମୁଦାୟ ୭୮୨୧ଟି ପ୍ରମାଣପତ୍ର ଜାରି କରାଯାଇଛି । ସେଥିମଧ୍ୟରୁ ୧୧୮୫ଟି ନୂତନ କିସମ ପାଇଁ, ୧୫୩୪ଟି ବିହନ ଅଧିନିୟମ, ୧୯୯୬ ଅଧିନରେ ସୂଚିତ ବିଦ୍ୟମାନ କିସମ ପାଇଁ, ୪୨୨୫ଟି କୃଷକ କିସମ ଓ ୧୪ଟି ଅତ୍ୟାବଶ୍ୟକ ଭାବେ ଉତ୍ପନ୍ନ କିସମ ପାଇଁ ଜାରି କରାଯାଇଛି। ଏହି ପଞ୍ଜିକରଣ ପ୍ରମାଣପତ୍ର ବୃକ୍ଷ ଏବଂ ଲତା ଗଛ କ୍ଷେତ୍ରରେ ନଅ ବର୍ଷ ଏବଂ ଅନ୍ୟ ଫସଲ କ୍ଷେତ୍ରରେ ୬ ବର୍ଷ  ପାଇଁ ବୈଧ ହେବ । ଯଦି ବିହନ ଅଧିନିୟମ, ୧୯୬୬ ଅନୁଯାୟୀ ବୃକ୍ଷ ଓ ଲତା କ୍ଷେତ୍ରରେ ବିଭିନ୍ନ କିସମର ପଞ୍ଜିକରଣ ବୈଧତା ତାରିଖ ୧୮ ବର୍ଷରୁ ଅଧିକ ଓ ଅଧିସୂଚିତ ତାରିଖ ୧୫ ବର୍ଷରୁ ଅଧିକ ଏବଂ ଅନ୍ୟ କ୍ଷେତ୍ରରେ କିସମର ପଞ୍ଜିକରଣ ତାରିଖ ୧୫ ବର୍ଷରୁ ଅଧିକ ହୋଇ ନ ଥିବ, ତେବେ ନବୀକରଣ ଶୁଳ୍କର ଦେୟ ମୁତାବକ ଅବଶିଷ୍ଟ ଅବଧି ପାଇଁ ଏହାର ସମୀକ୍ଷା ତଥା ନବୀକରଣ କରାଯାଇପାରେ । କୃଷକ କିସମ ସମେତ ବିଭିନ୍ନ କିସମର ପଞ୍ଜିକରଣ ପାଇଁ ୨୦୨୪ ସେପ୍ଟେମ୍ବର ସୁଦ୍ଧା କର୍ତ୍ତୃପକ୍ଷ ୧୮୭୧୩ ଆବେଦନ ଗ୍ରହଣ କରିଛନ୍ତି ।

## ଉଦ୍ଭିଦ କିସମର ଜାତୀୟ ରେଜିଷ୍ଟର

ରେଜିଷ୍ଟ୍ରିର ମୁଖ୍ୟ କାର୍ଯ୍ୟାଳୟରେ ଉଦ୍ଭିଦ କିସମର ଜାତୀୟ ରେଜିଷ୍ଟର ରଖାଯାଇଛି, ଯେଉଁଥିରେ ସମସ୍ତ ପଞ୍ଜିକୃତ ଉଦ୍ଭିଦ କିସମର ନାମ ଏବଂ ସେମାନଙ୍କ ପ୍ରଜନକଙ୍କ ନାମ ଓ ଠିକଣା, ପଞ୍ଜିକୃତ କିସମର ପ୍ରଜନକଙ୍କ ଅଧିକାର, ପ୍ରତ୍ୟେକ ପଞ୍ଜିକୃତ କିସମର ନାମକରଣ, ଏହାର ବିହନ କିମ୍ବା ଅନ୍ୟାନ୍ୟ ରୋପଣ ସାମଗ୍ରୀ ସହିତ ଏହାର ବିଶେଷ ବୈଶିଷ୍ଟ୍ୟଗୁଡିକର ନିର୍ଦ୍ଦିଷ୍ଟକରଣ ସମ୍ପର୍କରେ ରହିଛି ।

## ଜାତୀୟ ଜିନ୍ ବ୍ୟାଙ୍କ

ପ୍ରଜନକଙ୍କ ଦ୍ୱାରା ଦାଖଲ କରାଯାଇଥିବା ପଞ୍ଜିକୃତ ବିହନ କିସମ ଏବଂ ଏହାର ପୈତୃକ ଧାଡ଼ିଗୁଡିକ ସଂରକ୍ଷଣ କରିବା ପାଇଁ ପ୍ରାଧିକରଣ ଏକ ଜାତୀୟ ଜିନ୍ ବ୍ୟାଙ୍କ ପ୍ରତିଷ୍ଠା କରିଛନ୍ତି । ସମ୍ପୂର୍ଣ୍ଣ ପଞ୍ଜିକରଣ ଅବଧି ନିମନ୍ତେ ବିହନ ପରିମାଣକୁ ୫ ଡିଗ୍ରୀ ସେଲସିୟସ୍ ତାପମାତ୍ରାରେ ସଂରକ୍ଷିତ କରି ରଖାଯାଏ ଏବଂ ଜାତୀୟ ଜିନ୍ ବ୍ୟାଙ୍କରେ କିଛି ବର୍ଷ ସଂରକ୍ଷଣ କଲା ପରେ ପୁଞ୍ଜି ଆବଶ୍ୟକ ପଡିଲେ ଆବେଦନକାରୀଙ୍କ ନିଜ ଖର୍ଚ୍ଚରେ ବିହନକୁ ପୁନର୍ଜୀବିତ ଏବଂ ପୁନଃ ସଂଯୋଜିତ କରାଯିବ । ବିବାଦର ସମାଧାନ ନିମନ୍ତେ କିମ୍ବା ବାଧ୍ୟତାମୂଳକ ଲାଇସେନ୍ସ ବ୍ୟବସ୍ଥା ପାଇଁ ଆବଶ୍ୟକତା ଥିବା ସମୟରେ ଜାତୀୟ ଜିନ୍ ବ୍ୟାଙ୍କରେ ସଂରକ୍ଷିତ ବିହନକୁ ଉପଯୋଗ କରାଯିବ । ଜାତୀୟ ଜିନ୍ ବ୍ୟାଙ୍କରେ ଏହି ପ୍ରକାର ବିହନ ଜମା କରିବା ଦ୍ୱାରା ବଜାରରେ ଅପବ୍ୟବହାର କିମ୍ବା ଉଲଂଘନ ଉପରେ ରୋକ ଲାଗିବ । କାରଣ ବ୍ୟାଙ୍କରେ ଜମା କରାଯାଇଥିବା ବିହନର ତଥ୍ୟକୁ ଯାଞ୍ଚ କରାଯାଇପାରିବ । ଯେତେବେଳେ ପଞ୍ଜିକୃତ ବିହନର ଅବଧି ସରିଯିବ, ଏହା ସ୍ୱୟଂକୃତ ଭାବେ ଜନସାଧାରଣଙ୍କ ଅଧିକାର କ୍ଷେତ୍ରକୁ ଚାଲିଯିବ ।

## ଜାତୀୟ ଜିନ୍ ପାଣ୍ଠି

ପ୍ରାଧିକରଣ ଦ୍ୱାରା ଏକ ଜାତୀୟ ଜିନ୍ ପାଣ୍ଠି ସ୍ଥାପନ କରାଯାଇଛି, ଯେଉଁଥିରେ ନିମ୍ନଲିଖିତ ଅବଦାନକୁ ଗ୍ରହଣ କରାଯିବ :



- ଅଧିନିୟମ ଅଧିନରେ ପଞ୍ଜିକୃତ କିସମ କିମ୍ବା ଆବଶ୍ୟକଭାବେ ଉତ୍ପନ୍ନ କିସମର ପ୍ରଜନକଙ୍କ ଦ୍ୱାରା ନିର୍ଦ୍ଧାରିତ ଢଙ୍ଗରେ କିମ୍ବା ସେହି କିସମର କିମ୍ବା ଆବଶ୍ୟକଭାବେ ଉତ୍ପନ୍ନ କିସମର ପ୍ରଚାର ସାମଗ୍ରୀର ଉପକାର ପ୍ରାପ୍ତ ହେବାର ଯେକୌଣସି କାରଣ ହୋଇପାରେ ;
- ରୟାଲଟି / ରାଜଭାଗ ମାଧ୍ୟମରେ ପ୍ରାଧିକାର/କର୍ତ୍ତୃପକ୍ଷଙ୍କୁ ପ୍ରଦତ୍ତ ବାର୍ଷିକ ଦେୟ ।
- ପ୍ରଜନକଙ୍କ ଦ୍ୱାରା ଜମା ହୋଇଥିବା କ୍ଷତିପୂରଣ ।
- ଯେକୌଣସି ଜାତୀୟ ଓ ଅନ୍ତର୍ଜାତୀୟ ସଙ୍ଗଠନ ଏବଂ ଅନ୍ୟାନ୍ୟ ଉତ୍ସରୁ ଆସୁଥିବା ଅଂଶଦାନ ।

## ଜିନ୍ ପାଣ୍ଠିର ନିମ୍ନଲିଖିତ ଉପଯୋଗ କରାଯିବ :

- ଲାଭାଂଶ ଭାବରେ ପ୍ରଦାନ କରିବାକୁ ଥିବା ଯେ କୌଣସି ରାଶି ।
- କୃଷକ / କୃଷକ ସମ୍ପ୍ରଦାୟକୁ ଦିଆଯିବାକୁ ଥିବା କ୍ଷତିପୂରଣ ।
- ସଂଗୃହୀତ ଅନୁବଂଶିକ ସମ୍ବଳଗୁଡିକର ସ୍ୱସ୍ଥାନ ସଂରକ୍ଷଣ ଓ ବାହ୍ୟସ୍ଥାନ ସଂରକ୍ଷଣ ଏବଂ ଏହାର ଚିରସ୍ଥାୟୀ ବ୍ୟବହାର ପାଇଁ ହେଉଥିବା ଖର୍ଚ୍ଚ ପାଣ୍ଠି ବହନ କରିବ । ଏହା ମଧ୍ୟ ସଂରକ୍ଷଣ ଓ ଚିରସ୍ଥାୟୀ ବ୍ୟବହାର ପାଇଁ ପଞ୍ଚାୟତସ୍ତରରେ ଦକ୍ଷତା ସୁଦୃଢ କରିବାପାଇଁ ବ୍ୟବହୃତ ହେବ ।
- ଲାଭାଂଶ ଭାଗ ସହିତ ଜଡ଼ିତ ଯୋଜନ ଗୁଡିକରେ ଖର୍ଚ୍ଚ ।

## ଲାଭ ଅଂଶୀଦାର

ଲାଭ ଅଂଶୀଦାରୀ ହେଉଛି କୃଷକମାନଙ୍କ ଅଧିକାରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଧାରା ୨୬ରେ ଲାଭ ଅଂଶୀଦାରୀର ବ୍ୟବସ୍ଥା ରହିଛି ଏବଂ ଏହି ଦାବିଗୁଡିକ ଭାରତର ନାଗରିକ, ସଂସ୍ଥା କିମ୍ବା ଭାରତରେ ଗଠିତ / ପ୍ରତିଷ୍ଠିତ ବେସରକାରୀ ସଂଗଠନ ଦ୍ୱାରା ଦାଖଲ କରାଯାଇପାରିବ । ଜମା ହୋଇଥିବା ରାଶି ଜାତୀୟ ଜିନ୍ ପାଣ୍ଠିରୁ ଦାବିଦାରଙ୍କୁ ପ୍ରଦାନ କରାଯିବ । ବଜାରର ଚାହିଦା ଓ ବ୍ୟବସାୟିକରଣ ଉଦ୍ଦେଶ୍ୟରେ ଯଦି କୌଣସି ବ୍ୟକ୍ତି/ପ୍ରଜନକ ବିଦ୍ୟମାନ କିସମ ବିକାଶ କରିବା ପାଇଁ ଅନୁବଂଶିକ ସମ୍ବଳ ବ୍ୟବହାର କରନ୍ତି, ତେବେ ପ୍ରଜନକ ଜାତୀୟ ଜିନ୍ ପାଣ୍ଠିରେ ଅର୍ଥ ପୈଠ କରିବେ । ପ୍ରାଧିକାର ଲାଭ ଅଂଶୀଦାର ପାଇଁ ଦାବୀ ଆମନ୍ତ୍ରିତ କରିବା ଉଦ୍ଦେଶ୍ୟରେ ପ୍ରମାଣ ପତ୍ରର ବିଷୟ ବସ୍ତୁକୁ ଭାରତର ଉଦ୍ଭିଦ କିସମ ପତ୍ରିକା(ପିଭିଜେଆଇ)ରେ ମଧ୍ୟ ପ୍ରକାଶିତ କରିଥାନ୍ତି ।

## ସମ୍ପ୍ରଦାୟଙ୍କ ଅଧିକାର

- ଅଧିନିୟମ ଅଧିନରେ ପଞ୍ଜିକୃତ କିସମ ବିକାଶ କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଅବଦାନ ନିମନ୍ତେ ଗ୍ରାମାଞ୍ଚଳ କିମ୍ବା ସ୍ଥାନୀୟ ସମ୍ପ୍ରଦାୟଙ୍କୁ ଦିଆଯାଉଥିବା କ୍ଷତିପୂରଣ ସମ୍ପର୍କରେ ଏହି ଅଧିନିୟମ ଅଛି ।
- ଭାରତର ଯେକୌଣସି ଗ୍ରାମ/ ସ୍ଥାନୀୟ ସମ୍ପ୍ରଦାୟଙ୍କ ତରଫରୁ ବ୍ୟକ୍ତି/ ଗୋଷ୍ଠୀ/ ସରକାରୀ କିମ୍ବା ବେସରକାରୀ ସଙ୍ଗଠନ କୌଣସି କିସମର ବିକାଶ କ୍ଷେତ୍ରରେ ଅବଦାନ ନିମନ୍ତେ ବିଜ୍ଞପ୍ତିତ କେନ୍ଦ୍ରରେ ଦାବି ଦାଖଲ କରିପାରିବେ ।



## ସମ୍ମିଳନୀ ଦେଶ

ସମ୍ମିଳନୀ ଦେଶ କହିଲେ ଯେଉଁ ଦେଶ ଉଦ୍ଭିଦ କିସମର ସଂରକ୍ଷଣ ନିମନ୍ତେ ଅନ୍ତର୍ଜାତୀୟ ସମ୍ମିଳନୀରେ ଯୋଗଦାନ କରିଥିବା (ସ୍ୱୀକାର କରିଥିବା)ନେଇ ବୁଝାଏ, ଯେଉଁଥିରେ ଭାରତ ମଧ ସାମିଲ ହୋଇସାରିଛି ଏବଂ ଉଦ୍ଭିଦ କିସମର ସୁରକ୍ଷା ଆଇନ ଆଧାରରେ ଭାରତ ଉଭୟ ଦେଶର ନାଗରିକଙ୍କୁ ଉଦ୍ଭିଦ ପ୍ରଜନକ ଅଧିକାର ଦେବା ପାଇଁ ଏକ ଚୁକ୍ତିନାମା କରିଛି । ଯଦି କୌଣସି ବ୍ୟକ୍ତି କିଛି କିସମର ପଞ୍ଜିକରଣ ନିମନ୍ତେ ଭାରତରେ ଆବେଦନ କରାଯାଇଥିବା ତାରିଖର ୧୨ ମାସ ମଧରେ ଆବେଦନ କରନ୍ତି, ତେବେ ଅଧିନିୟମକୁ ଆଧାର କରି ସେହି ଆବେଦନପତ୍ର ତାରିଖ ଅନୁଯାୟୀ ପଞ୍ଜିକୃତ ହେବ ।

## ଉଦ୍ଭିଦ କିସମ ସଂରକ୍ଷଣ ଅପିଲଯୋଗ୍ୟ ନ୍ୟାୟାଧିକରଣ

ପିଭିପିଏଟି ସ୍ଥାପନ ନ ହେବା ପର୍ଯ୍ୟନ୍ତ ଇଣ୍ଟେଲେକ୍ଚୁଆଲ୍ ପ୍ରପର୍ଟି ଆପିଲେଟ ବୋର୍ଡ଼ (ଆଇପିଏବି) ପିଭିପିଏଟିର ଅଧିକାର ସୀମା ପ୍ରୟୋଗ କରିବା ନେଇ ଏକ ଅସ୍ଥାୟୀ ବ୍ୟବସ୍ଥା ରହିଛି । ଫଳସ୍ୱରୂପ ବୈଷୟିକ ସଦସ୍ୟମାନଙ୍କୁ ନିଯୁକ୍ତ କରି ଉଦ୍ଭିଦ କିସମ ସଂରକ୍ଷଣ ଆବେଦନ ନ୍ୟାୟାଧିକରଣ ପ୍ରତିଷ୍ଠା କରାଯାଇଛି । ପ୍ରାଧିକରଣ ନିବନ୍ଧକଙ୍କର ବିଭିନ୍ନ କିସମ ପଞ୍ଜିକରଣ ସମ୍ବନ୍ଧୀୟ ସମସ୍ତ ନିର୍ଦ୍ଦେଶ କିମ୍ବା ନିଷ୍ପତ୍ତି ଏବଂ ଏଜେଣ୍ଟ କିମ୍ବା ଲାଇସେନ୍ସଧାରୀ ପଞ୍ଜିକରଣ ସମ୍ବନ୍ଧିତ ନିବନ୍ଧକଙ୍କ ନିଷ୍ପତ୍ତି ବିପକ୍ଷରେ ନ୍ୟାୟାଧିକରଣରେ ଆବେଦନ କରାଯାଇପାରିବ । ଏହାବ୍ୟତୀତ ଲାଭ ଅଂଶୀଦାର, ବାଧ୍ୟତାମୂଳକଭାବେ ଲାଇସେନ୍ସ ରଦ୍ଦ କରିବା ଏବଂ କ୍ଷତିପୂରଣ ପ୍ରଦାନ ସମ୍ବନ୍ଧୀୟ ସମସ୍ତ ନିର୍ଦ୍ଦେଶ କିମ୍ବା କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ମଧ ନ୍ୟାୟାଧିକରଣ ଅପିଲ କରାଯାଇପାରିବ । ଉଦ୍ଭିଦ କିସମ ସଂରକ୍ଷଣ ଅପିଲଯୋଗ୍ୟ ନ୍ୟାୟାଧିକରଣର ନିଷ୍ପତ୍ତିକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇପାରେ । ନ୍ୟାୟାଧିକରଣ/ଟ୍ରିବ୍ୟୁନାଲ ବର୍ଷେ ମଧରେ ଆବେଦନକୁ ସମାଧାନ କରିବେ ।



# ଯୋଗାଯୋଗ ଠିକଣା

ଅଧ୍ୟକ୍ଷ

ଉଦ୍ଭିଦ କିସମ ଓ କୃଷକ ଅଧିକାର ପ୍ରାଧିକରଣ
(Protection of Plant Varieties and Farmers' Rights Authority)

ପିପିଭିଏଫ୍ଆରଏ ଭବନ,
ହରଭଜନ ଏନକ୍ଲେଭ ନିକଟସ୍ଥ,
ଡିପିଏସ୍ ମାର୍ଗ, ନୂଆଦିଲ୍ଲୀ, ୧୧୦୦୧୨